ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ବିଶମ୍ବର ଦତ୍ତ

ଅକ୍ଟୋବର 23, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ*

*ନିୟମିତୀକରଣ—ଅଂଶକାଳିକ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତ—ଦର୍ଶାଯାଇଛି, ନିୟମାବଳୀ ଅନୁଯାୟୀ ନିୟମିତ ନିଯୁକ୍ତି ପାଇ ନଥିବାରୁ ସେମାନେ ନିୟମିତୀକରଣ ପାଇଁ ହକଦାର ନୁହଁନ୍ତି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର : ଦେୱାନୀ ଆବେଦନ ସଂଖ୍ୟା 14528-30/1996 ।

ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 9.2.96 ତାରିଖର ରାୟ ଏବଂ ଆଦେଶରୁ ଓ.ଏ. ସଂଖ୍ୟା 1475, 1583-84/1995 ।

ଅପିଲକାରୀଙ୍କ ପାଇଁ ସୁଶ୍ରୀ କେ. ଅମରେଶ୍ୱରୀ, ଶ୍ରୀମତୀ ଅନୀଲ କଟିୟାର ଏବଂ ସୁଶ୍ରୀ ଅନୁଭା ଜୈନ ।

ଉତ୍ତରଦାତାଙ୍କ ପାଇଁ ଜି.ଏସ୍. ବେକରାର ଏବଂ ଏନ୍.ଏସ୍. ବେହଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ବିଚାରପୀଠର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଆଦେଶରୁ ଉତ୍ପନ୍ନ ହୁଏ ।

## ୟୁ.ଓ.ଆଇ. ବନାମ ବିଶମ୍ବର ଦତ୍ତ

ସ୍ୱୀକୃତ ସ୍ଥିତି ହେଉଛି ଯେ, ଉତ୍ତରଦାତା ଅନ୍ୟମାନଙ୍କ ସହିତ ସେପ୍ଟେମ୍ବର 3, 1990, ନଭେମ୍ବର 14, 1991 ଏବଂ ସେପ୍ଟେମ୍ବର 14, 1994ରେ ପ୍ରତିରକ୍ଷା ହିସାବ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟରେ ଅଂଶକାଳିକ ଭିତ୍ତିରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବରେ ନିଯୁକ୍ତ ହୋଇଥିଲେ । ସେମାନଙ୍କୁ ପ୍ରତି ଘଣ୍ଟା ଭିତ୍ତିରେ ନିଯୁକ୍ତି ଦିଆଯାଇଛି ନା ନିୟମିତ ଭିତ୍ତିରେ ନିଯୁକ୍ତି ଦିଆଯାଇଛି ସେ ବିଷୟରେ ବିବାଦ ରହିଛି । ସ୍ୱୀକୃତ ସ୍ଥିତି ହେଉଛି ଯେ, ସେମାନେ ପ୍ରତି ମାସରେ ଏକତ୍ରୀକୃତ 500 ଟଙ୍କା ଦରମା ପାଉଥିଲେ ଯାହାକୁ ଦିନକୁ ଛଅ ଘଣ୍ଟା କାମ କରିବା ପାଇଁ ପ୍ରତି ମାସରେ ଦରମାକୁ 600 ଟଙ୍କାକୁ ବୃଦ୍ଧି କରାଯାଇଥିଲା । ମାମଲାଟି ପୂର୍ଣ୍ଣକାଳୀନ କିମ୍ବା ଘଣ୍ଟାପ୍ରତି କିମ୍ବା ମାସିକ ଭିତ୍ତିରେ ହେଉ, ତାହା ବିଚାର କରିବା ଆବଶ୍ୟକ ନୁହେଁ । କେବଳ ଏତିକି କହିବା ଯଥେଷ୍ଟ ଯେ, ନିୟମାବଳୀ ଅନୁଯାୟୀ ଚୟନ ପରେ ସେମାନଙ୍କୁ ନିୟମିତ ପଦବୀରେ ନିଯୁକ୍ତ କରାଯାଇ ନଥିଲା; ସେମାନଙ୍କୁ ନିୟମାବଳୀର ସୁଯୋଗ ବ୍ୟତିରେକ ଅଂଶକାଳିକ କର୍ମଚାରୀ ଭାବରେ ନିଯୁକ୍ତ କରାଯାଇଥିଲା । ତେଣୁ ପ୍ରଶ୍ନ ହେଉଛି : ସେମାନେ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଅସ୍ଥାୟୀ ସ୍ଥିତି କିମ୍ବା ନିୟମିତୀକରଣ ପାଇବାକୁ ହକଦାର କି? ଏହା ଦେଖାଯାଏ ଯେ, ଅଂଶକାଳିକ କର୍ମଚାରୀମାନଙ୍କୁ ଅସ୍ଥାୟୀ ପଦବୀ ପ୍ରଦାନ କରାଯିବା ଉଚିତ କି ନାହିଁ ତାହାର ତଦନ୍ତ ଅନୁସାରେ, କର୍ମଚାରୀ, ଲୋକ ଅଭିଯୋଗ ଏବଂ ଅବସରକାଳୀନ ଭତ୍ତା ମନ୍ତ୍ରଣାଳୟ ଦ୍ୱାରା ଜୁଲାଇ 12, 1994ରେ ସ୍ମାରକ, ଧାରା 3ରେ ନିର୍ଦ୍ଦେଶ ଜାରି କରାଯାଇଥିଲା ଯେ, ସେମାନେ ଏପରି ପଦବୀ ପାଇଁ ହକଦାର ନୁହଁନ୍ତି । ଯେହେତୁ ସେମାନଙ୍କୁ ନିୟମାବଳୀ ଅନୁଯାୟୀ ନିୟମିତ ଭାବରେ ନିଯୁକ୍ତି ଦିଆଯାଇନାହିଁ, ସେବାକୁ ନିୟମିତ କରିବା ପାଇଁ ନ୍ୟାୟାଧିକରଣଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ସ୍ପଷ୍ଟ ଭାବରେ ବେଆଇନ ଅଟେ । ତା'ପରେ ଉତ୍ତରଦାତାଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଯୁକ୍ତି ଉପସ୍ଥାପନ କରନ୍ତି ଯେ, ସେମାନେ ଦୀର୍ଘ ସମୟ ଧରି ନିୟମିତ ଭାବରେ କାମ କରୁଥିବାରୁ ସେମାନେ ନିୟମିତୀକରଣ ପାଇଁ ହକଦାର ଅଟନ୍ତି । ଉତ୍ତରଦାତାମାନଙ୍କ ତରଫରୁ ନିଆଯାଇଥିବା ଆଭିମୁଖ୍ୟକୁ ଆମେ ଗ୍ରହଣ କରୁନାହୁଁ । ଯୋଗ୍ୟତା ଆଧାରରେ ଦାବିଗୁଡ଼ିକୁ ବିଚାର କରିବା ପରେ ନିୟମାବଳୀ ଅନୁଯାୟୀ ନିୟମିତ ଭାବରେ ନିଯୁକ୍ତି ନହେଲେ, ସେବାଗୁଡ଼ିକୁ ନିୟମିତୀକରଣ କରିବାର କୌଣସି ପ୍ରଶ୍ନ ଉଠେ ନାହିଁ ।

ତଦନୁସାରେ ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି । ନ୍ୟାୟାଧିକରଣଙ୍କ ଆଦେଶକୁ ରଦ୍ଦ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍.　　　　　　　　　　　　　　　　　　　　　　ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ:</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>ଅନୁବାଦକ</u>

ଯୋଗେଶ୍ୱର ହୋତା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।